ଭାରତୀୟ ରିଜର୍ଭ ବ୍ୟାଙ୍କ

RESERVE BANK OF INDIA

RBI/2016-17/135
DCM (Plg) No.1287/10.27.00/2016-17 November 16, 2016

ଅଧ୍ୟକ୍ଷ/ ପରିଚାଳନା ନିର୍ଦ୍ଦେଶକ/ ମୁଖ୍ୟ ନିର୍ବାହୀ ଅଧିକାରୀ
ସରକାରୀ କ୍ଷେତ୍ର ବ୍ୟାଙ୍କ/ ବେସରକାରୀ କ୍ଷେତ୍ର ବ୍ୟାଙ୍କ / ବିଦେଶୀ ବ୍ୟାଙ୍କ
ଆଂଚଳିକ ଗ୍ରାମ୍ୟ ବ୍ୟାଙ୍କ /ସହରୀ ସମବାୟ ବ୍ୟାଙ୍କ / ରାଜ୍ୟ ସମବାୟ ବ୍ୟାଙ୍କ

ମହାଶୟ

**ବିନିର୍ଦ୍ଦିଷ୍ଟ ବ୍ୟାଙ୍କ ନୋଟଗୁଡ଼ିକର ଉପରୁ ବୈଧ ମୁଦ୍ରାର ମାନ୍ୟତା ପ୍ରତ୍ୟାହାର – ଆୟକର ନିୟମାବଳୀ, 1962 ର 114 Bସ୍ଥ ବ୍ୟବସ୍ଥାର ଅନୁପାଳନ**

ଉପରୋକ୍ତ ବିଷୟରେ ଦୟାକରି ନଭେମ୍ବର 08, 2016 ତାରିଖର ଆମର ପରିପତ୍ର DCM (Plg) No. 1226/10.27.00/2016-17 ଦେଖନ୍ତୁ । ଆୟକର ନିୟମାବଳୀ, 1962 ର 114 B ର ବ୍ୟବସ୍ଥାଗୁଡ଼ିକର ଅନୁପାଳନ ନିମନ୍ତେ ବ୍ୟାଙ୍କମାନଙ୍କୁ ନିମ୍ନୋକ୍ତ ମତେ ସୂଚିତ କରାଯାଇଛି :

i) ବ୍ୟାଙ୍କ ଖାତା, ପ୍ୟାନ୍ ସହିତ ସୂଚିତ ନ ଥାଇ କୌଣସି ବ୍ୟକ୍ତି ତାଙ୍କ ବ୍ୟାଙ୍କ ଖାତାରେ 50,00 ଟଙ୍କାରୁ ଅଧିକ ନଗଦ ଆକାରରେ ଜମା କରୁଥିଲେ ତାଙ୍କୁ ପ୍ୟାନ୍ କାର୍ଡ଼ର ଗୋଟିଏ କପି ଜମା କରିବାକୁ ପଡ଼ିବ ।

ii) ଆୟକର ନିୟାମାବଳୀର ଉପରୋକ୍ତ ବ୍ୟବସ୍ଥା ସହିତ, ପ୍ୟାନ୍ ରିପୋର୍ଟ କରିବାର ଆବଶ୍ୟକତା ବ୍ୟାଙ୍କମାନଙ୍କର ଚାହିଦା ଅନୁଯାୟୀ ଅନ୍ୟାନ୍ୟ ନେଣଦେଣ କ୍ଷେତ୍ରରେ ପ୍ରଯୁଜ୍ୟ ଅଟେ ।

2. ତେଣୁ ବ୍ୟାଙ୍କମାନଙ୍କୁ ଉପରୋକ୍ତ ବିଷୟ ଏବଂ ଆୟକର ନିୟମାବଳୀ, 1962 ସ୍ଥ 114 B ର ବ୍ୟବସ୍ଥାଗୁଡ଼ିକ ସହ ନିଶ୍ଚିତ ଅନୁପାଳନ ସମ୍ବନ୍ଧରେ ସୂଚିତ କରି ଦିଆଯାଉଛି । ଆୟକର ନିୟମାବଳୀ, 1962 ସ୍ଥ 114 B ର ଆବଶ୍ୟକୀୟ ପ୍ରାସଙ୍ଗିକ ବ୍ୟବସ୍ଥା ସଂଲଗ୍ନ କରାଯାଇଛି ।

ଆପଣଙ୍କର ବିଶ୍ୱସ୍ତ

( ପି ବିଜୟକୁମାର)
ମୁଖ୍ୟ ମହା ପ୍ରବନ୍ଧକ

ଅନୁଲଗ୍ନକ : ଉପରୋକ୍ତାନୁଯାୟୀ